शिक्षा मंत्रालय
MINISTRY OF **EDUCATION**

सत्यमेव जयते

कौशल विकास और उद्यमशीलता मंत्रालय
Ministry of **Skill Development And Entrepreneurship**

सत्यमेव जयते

# ପ୍ରଯୁକ୍ତିବିଦ୍ୟା ଓ ଭାରତୀୟ ଭାଷା ଶିଖର ସମ୍ମିଳନୀ

୩୦ ସେପ୍ଟେମ୍ବର ଓ ଅକ୍ଟୋବର ୧, ୨୦୨୩

**ସ୍ଥାନ: ଡଃ ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ର, ଜନପଥ, ନୂଆଦିଲ୍ଲୀ**

https://technology-bharatiyabhasha.aicte-india.org/

## ପ୍ରଯୁକ୍ତିବିଦ୍ୟା ଓ ଭାରତୀୟ ଭାଷା ଶିଖର ସମ୍ମିଳନୀ ସମ୍ବନ୍ଧରେ



ଏହି ପ୍ରଯୁକ୍ତିବିଦ୍ୟା ଓ ଭାରତୀୟ ଭାଷା ଶିଖର ସମ୍ମିଳନୀରେ ମୁଖ୍ୟତଃ ତିନୋଟି ମୌଳିକ ବିଷୟବସ୍ତୁ ଉପରେ ବିଶେଷ ଭାବରେ ଆଲୋଚନା ହେବ, ଯଥା: "ଭାରତୀୟ ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା , "ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ଭାଷା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା । ଏହି ଶିଖର ସମ୍ମିଳନୀ ସମସ୍ତ ଉପକୃତ ହେବାକୁ ଯାଉଥିବା ବ୍ୟକ୍ତିବିଶେଷମାନଙ୍କୁ ଏକ ମଞ୍ଚ ଯୋଗାଇବା ପାଇଁ ସମର୍ଥ ହେବ । ଭାରତୀୟ ଶିକ୍ଷା ମନ୍ତ୍ରଣାଳୟ (Ministry of Education), ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (Ministry of Skill development and Entrepreneurship) ଏବଂ ଏଥିସହିତ ସଂପୃକ୍ତ ଥିବା ବହୁ ଶିକ୍ଷାନୁଷ୍ଠାନ ଯଥା; ଭାରତୀୟ ଭାଷା ସଂସ୍ଥାନ (Central Institute of Indian Languages), ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (University Grants Commission), ଜାତୀୟ ଶୈକ୍ଷିକ ଓ ପ୍ରଯୁକ୍ତିବିଦ୍ୟା ଫୋରମ (National Educational Technology Forum), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (All India Council for Technical Education), ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (National Council of Educational Research and Training), ଜାତୀୟ ଧନ୍ଦାମୂଳକ ଓ ବୈଷୟିକ ଶିକ୍ଷା ତାଲିମ୍ ପରିଷଦ (National Council for Vocational Training), ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (National Council for Teacher Education), ଭାରତୀୟ ଭାଷା ସମିତି (BBS)ଦ୍ୱାରା ପରିଚାଳିତ ହେବ । ଏହି ଶିଖର ସମ୍ମିଳନୀଟି ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖ ଓ ଅକ୍ଟୋବର ୧ ତାରିଖ, ୨୦୨୩, ନୂଆଦିଲ୍ଲୀସ୍ଥ ଜନପଥ ମାର୍ଗରେ ଥିବା ଡଃ ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ରରେ ସମସ୍ତ ହିତାଧିକାରୀମାନଙ୍କୁ ଏକ ମଞ୍ଚ ଦେବାକୁ ଲକ୍ଷ୍ୟ ରଖିଛି । ଏଥିସହିତ ଜାତୀୟ ଶିକ୍ଷାନୀତି- ୨୦୨୦ର ଲକ୍ଷ୍ୟକୁ ହାସଲ କରିବା ପାଇଁ ଭାରତୀୟ ଭାଷାଗୁଡ଼ିକର ବ୍ୟବହାରର ସମସ୍ତ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରାଯିବ ତାହାର ମାର୍ଗଦର୍ଶନ କରିବା ପାଇଁ ବିସ୍ତୃତ ଆଲୋଚନା କରାଯିବ ।

ନୂଆଦିଲ୍ଲୀଠାରେ ଦୁଇଦିନ ଧରି ଅନୁଷ୍ଠିତ ଉକ୍ତ ଶିଖର ସମ୍ମିଳନୀରେ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବାର ଆଶା କରାଯାଏ । ଏହି କାର୍ଯ୍ୟକ୍ରମରେ ପ୍ରେଜେଣ୍ଟେସନ, ପେନେଲ ଆଲୋଚନା, ପ୍ରଦର୍ଶନୀ ଓ ନେଟୱାର୍କିଂ ସୁଯୋଗ ଅନ୍ତର୍ଭୁକ୍ତ ହେବ । ବୈଷୟିକ ବିଶେଷଜ୍ଞ ଓ ଭାରତୀୟ ଭାଷା ପାଇଁ, ଭାରତୀୟ ଭାଷାରେ ଏବଂ ଭାରତୀୟ ଭାଷା ମାଧ୍ୟମରେ କାର୍ଯ୍ୟରତ ଅନୁଷ୍ଠାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେସିନ ଲର୍ଣ୍ଣିଂ ଗବେଷକ, edu-tech କମ୍ପାନୀ, ଷ୍ଟାର୍ଟଅପ, ଏମିତି ପ୍ରଯୁକ୍ତିବିଦ୍ୟାର ୟୁଜର ଓ ନୀତି ପ୍ରଣୟନ କର୍ତ୍ତା ଏହି ଶିଖର ସମ୍ମିଳନୀରେ ଯୋଗଦାନ କରିପାରିବେ । ଏହା ଯୋଗଦାନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବିଚାର ବିନିମୟ ଏବଂ ସହଯୋଗର ସୁବିଧା ଦେବ ଓ ଭାଷା ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ଆବିଷ୍କାରକୁ ଭାରତ ଓ ବିଶ୍ୱରେ ପ୍ରୋତ୍ସାହିତ କରିବ ।

## ଶିଖର ସମ୍ମିଳନୀର ବିଷୟବସ୍ତୁ

ଜାତୀୟ ଶିକ୍ଷାନୀତି- ୨୦୨୦ ଦେଶରେ ଶୈକ୍ଷିକ ସୁଯୋଗର ଆକ୍ସେସକୁ ଉନ୍ନତ କରିବା ପାଇଁ, ଇନକ୍ଲୁଜନ ଓ ବିବିଧତାର ସମସ୍ୟାକୁ ଦୂର କରିବା ପାଇଁ ଏବଂ ଶିକ୍ଷା ବ୍ୟବସ୍ଥାର ମାନବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟାର ବିନିଯୋଗ କରିବା ପାଇଁ  ଗୁରୁତ୍ୱ  ଦେଇଅଛି, ଯଦ୍ୱାରା ଶିକ୍ଷା କ୍ଷେତ୍ରରେ  ଗୁଣବତ୍ତା, ସମାନତା, ସୁଲଭତା  ତଥା ଉତ୍ତରଦାୟିତ୍ୱରେ ଉନ୍ନତି ଆସିପାରିବ।


ଏହି ଶିଖର ସମ୍ମିଳନୀ ବର୍ତ୍ତମାନର ଭାଷା ଇକୋସିଷ୍ଟମରୁ ଭାରତୀୟ ଭାଷା ଇକୋସିଷ୍ଟମକୁ ପରିବର୍ତ୍ତନ କରିବା ପାଇଁ ଟେକ୍ନୋଲୋଜି ଲେଭେରେଜିଂ କରିବାକୁ ଲକ୍ଷ୍ୟ ରଖେ। ଭାଷା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପ୍ରସଙ୍ଗରେ  ତିନୋଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଅଛି:

- ଭାରତୀୟ ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା
- ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟା
- ଭାରତୀୟ ଭାଷା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା

## ଭାରତୀୟ ଭାଷାପାଇଁ  ପ୍ରଯୁକ୍ତିବିଦ୍ୟା

ଭାରତୀୟ ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା ବିଷୟବସ୍ତୁର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନ,ପରୀକ୍ଷଣ, ପ୍ରଶିକ୍ଷଣ ଓ ଅନୁବାଦ କ୍ଷେତ୍ରରେ ଭାରତୀୟ ଭାଷାଗୁଡ଼ିକ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ । ଉଭୟ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ  ଭାରତୀୟ ଭାଷାଗୁଡ଼ିକର ଶିକ୍ଷାଦାନ ଓ ଶିକ୍ଷଣ, ଶିକ୍ଷଣ ଓ ଶିକ୍ଷାଦାନ ସାମଗ୍ରୀର ଉନ୍ନତି ଓ ଶିକ୍ଷାପଦ୍ଧତି ଶିକ୍ଷାଦାନରେ ଅନ୍ତର୍ଭୁକ୍ତ ।ଭାରତୀୟ ଭାଷାଗୁଡ଼ିକରେ ବିଭିନ୍ନ ସ୍ତରର ଭାଷା ଦକ୍ଷତାର ପରୀକ୍ଷଣ ପଦ୍ଧତି ଓ  ପରୀକ୍ଷା ପରୀକ୍ଷଣରେ  ଅନ୍ତର୍ଭୁକ୍ତ କରାଯାଇଅଛି ।ପ୍ରଶିକ୍ଷଣରେ ଭାରତୀୟ ଭାଷାରେ ପ୍ରାକ୍-ନିୟୋଜିତ ଓ ଚାକିରୀରେ ଥିବା ଭାଷା ଓ ବିଷୟ ଶିକ୍ଷକ ନିମନ୍ତେ, ପ୍ରମୁଖ ପ୍ରଶିକ୍ଷକ ତଥା ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଲେଖକ ଓ ପରୀକ୍ଷକ ତଥା ବିଶାରଦ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଭାଷା ମୂଲ୍ୟାୟନ ଓ ମୂଲ୍ୟାଙ୍କନରେ ନିୟୋଜିତ ପରୀକ୍ଷକ ଓ ବିଶାରଦଙ୍କ ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ।

ଭାରତୀୟ ଭାଷାଗୁଡ଼ିକ ପାଇଁ  ଅନୁବାଦ ଉପକରଣର ବିକାଶ ଏବଂ ଉନ୍ନତି କରିବା ତଥା  ଭାରତୀୟ ଭାଷାରେ ବହୁସଂଖ୍ୟାରେ  ପ୍ରଶିକ୍ଷିତ ଅନୁବାଦକ ସୃଷ୍ଟି କରିବା ଅନୁବାଦର ଲକ୍ଷ୍ୟ । ଏହା ଅନୁବାଦ ପାଇଁ ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତାକୁ ଆକଳନ କରିବ, ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଭାରତୀୟ ଭାଷାରେ ଡିଜିଟାଲ୍ ଅନୁବାଦ ମାନୁଆଲ୍  ଓ ମଡ୍ୟୁଲର ବିକାଶ କରିବ ।



## ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟା

ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏପରି ଏକ କ୍ଷେତ୍ର ଯେଉଁଠି ଭାରତୀୟ ଭାଷାରେ ହାର୍ଡୱେର ଓ ସଫ୍ଟୱେର ଉପକରଣ ବିକଶିତ କରିବାରେ ଦେଶ ଏଯାଏଁ ଏକ ବଡ଼ ସଫଳତା ଆଣିପାରିନାହିଁ ।ଏହାର ଅର୍ଥ ଭାରତୀୟ ଭାଷାରେ ଅପରେଟିଂ ସିଷ୍ଟମ ଓ ମେସିନ ଲର୍ଣ୍ଣିଂ ସୃଷ୍ଟି କରିବା, ଭାରତୀୟ ଭାଷାରେ ସାଙ୍କେତିକ ନିୟମାବଳୀ ଓ କଂପ୍ୟୁଟର ପ୍ରୋଗ୍ରାମ ଲେଖିବା, ସାର୍ବଜନୀନ ସ୍ୱୀକୃତି ପାଇଁ ଭାରତୀୟ ଭାଷାରେ ବୈଷୟିକ ବ୍ୟବହାର ପାଇଁ ମୂଳ ମାନକ ବିକଶିତ କରିବା, ଭାରତୀୟ ଭାଷାଗୁଡ଼ିକ ପାଇଁ ପ୍ରଚଳିତ ଅପରେଟିଂ ସିଷ୍ଟମ ଉପରେ ବହୁସ୍ତରୀୟ ବ୍ୟବସ୍ଥାକୁ ବିକଶିତ କରିବା, ଭାରତୀୟ ଭାଷା ପାଇଁ ୱେବ୍ ମାନକୀକରଣ, ଭାରତୀୟ ଭାଷାରେ ମୋବାଇଲ୍ ଆପ୍ସ ଓ ପ୍ରଯୁକ୍ତିବିଦ୍ୟା ବିକଶିତ କରିବା, AR (Augmented Reality) ଆଧାରିତ ପ୍ଲାଟଫର୍ମ ବିକଶିତ କରିବା, ଭାରତୀୟ ଭାଷାଗୁଡ଼ିକରେ AR/VR (Virtual Reality)/MVR (Mixed Virtual Realty)/ ସିମୁଲେସନ/ ଡିଜିଟାଲ ଟ୍ୱିନିଂ) ସହ ଏକୀକରଣ ଇତ୍ୟାଦି । ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟାର ନିରନ୍ତର ବିକାଶ ଏବଂ ଏହାକୁ ମୁଖ୍ୟ ସ୍ରୋତରେ ସାମିଲ୍ କରି ସମ୍ବଳର ଆବଣ୍ଟନ ଏବଂ ଲୋକାଲାଇଜ୍ କରି ଏହି କ୍ଷେତ୍ରରେ ସମସ୍ତ ଅଂଶୀଦାରମାନଙ୍କୁ ଏକାଠି କରିବା ଉପରେ ମୁଖ୍ୟତଃ ଧ୍ୟାନ ଦେଇଥାଏ ।

## ଭାରତୀୟ ଭାଷା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମ୍ଭବ କରିବା ପାଇଁ ସମସ୍ତ ପ୍ରୟୋଗାତ୍ମକ ଶିକ୍ଷା ଯାହାକି, ଇଂଜିନିୟରିଂ, ଡାକ୍ତରୀ ବିଦ୍ୟା, ଆଇନ ବିଦ୍ୟା ସହିତ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମର ବିଷୟବସ୍ତୁ ପାଠ୍ୟଦାନ ପ୍ରଣାଳୀ ତଥା ଉପଲବ୍ଧ କରାଇବା ଯାହାକି, ଡିଜିଟାଲ୍ ପାଠ୍ୟପୁସ୍ତକ, ଶିକ୍ଷଣ ତଥା ଶିକ୍ଷାଦାନ ଉପକରଣ, ଅଭିଧାନ ଏବଂ ଶବ୍ଦାବଳୀ ପରିଭାଷା ଭାରତୀୟ ଭାଷାରେ କରିବା ପାଇଁ ସମର୍ଥ ହେବା ସହିତ ପରୀକ୍ଷଣ ତଥା ମୂଲ୍ୟାୟନ ଭାରତୀୟ ଭାଷା ମାଧ୍ୟମରେ ବିଦ୍ୟାଳୟ , ବୃତ୍ତିଗତ ଶୈକ୍ଷିକ ଅନୁଷ୍ଠାନସମୂହ ଯଥା; (ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ଭାରତୀୟ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ଭାରତୀୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ଭାରତୀୟ ଡାକ୍ତରୀ ବିଦ୍ୟା ପ୍ରତିଷ୍ଠାନ, ଭାରତୀୟ ବିଜ୍ଞାନ ଓ ଶୈକ୍ଷିକ ଗବେଷଣା ପ୍ରତିଷ୍ଠାନ) ଇତ୍ୟାଦିମାନଙ୍କ ପାଇଁ ମାର୍ଗ ପ୍ରସ୍ତୁତୀକରଣ ସହିତ ଗଣମାଧ୍ୟମରେ ଭାରତୀୟ ଭାଷାସମୂହକୁ ବ୍ୟବହାର କରିବାକୁ ପଥ ପ୍ରଦର୍ଶନ କରିବାକୁ ସମର୍ଥ ହେବ ।

## ଶିଖର ସମ୍ମିଳନୀର ପ୍ରମୁଖ କ୍ଷେତ୍ରଗୁଡ଼ିକ

- ଭାରତୀୟ ଭାଷା ମାଧ୍ୟମରେ ଶିକ୍ଷାଦାନକୁ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ସମର୍ଥ କରାଇବା ପାଇଁ ବିଭିନ୍ନ ପନ୍ଥା ଅନୁସନ୍ଧାନ।
- ସମସ୍ତ ଭାରତୀୟ ଭାଷାଗୁଡ଼ିକ ପାଇଁ ଯେଉଁ ସବୁ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଉପକରଣ ଆବଶ୍ୟକ ସେଗୁଡ଼ିକୁ ଚିହ୍ନଟ କରିବା।
- ଭାରତୀୟ ଭାଷାରେ ଶୈକ୍ଷିକ ବିଷୟବସ୍ତୁର ଶିକ୍ଷାଦାନ, ପ୍ରଶିକ୍ଷଣ, ପରୀକ୍ଷଣ ଓ ଅନୁବାଦରେ ପ୍ରଯୁକ୍ତିବିଦ୍ୟାର ଏକୀକରଣ ।
- ଭାରତୀୟ ଭାଷା ବିଷୟରେ ସାଂପ୍ରତିକ ପ୍ରଯୁକ୍ତିବିଦ୍ୟାଗତ ଉନ୍ନତିର ପ୍ରଦର୍ଶନ। ଭାରତୀୟ ସାଂଙ୍କେତିକ ଭାଷା ଓ ବ୍ରେଲି ପାଇଁ ପ୍ରଯୁକ୍ତି ବିଦ୍ୟାର ବିକାଶ ଏଥିରେ ଅନ୍ତର୍ଭୁକ୍ତ ହେବ ।
- ପ୍ରଯୁକ୍ତିବିଦ୍ୟାଗତ ପଦକ୍ଷେପ ଦ୍ୱାରା ସମସ୍ତ ସାର୍ବଜନୀନ ସରକାରୀ ଓ ବେସରକାରୀ ସଂସ୍ଥାରେ ଭାରତୀୟ ଭାଷାଗୁଡ଼ିକର ପ୍ରୋତ୍ସାହନ ।
- ଭାରତୀୟ ଭାଷା ପାଇଁ, ଭାରତୀୟ ଭାଷାରେ, ଭାରତୀୟ ଭାଷା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାଗତ ସମସ୍ୟା ଓ ସ୍ଥିତିକୁ ବୁଝିବା ।
- ଭାରତୀୟ ଭାଷା ପାଇଁ, ଭାରତୀୟ ଭାଷାରେ ତଥା ଭାରତୀୟ ଭାଷା ମାଧ୍ୟମରେ ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ନିମନ୍ତେ ଭବିଷ୍ୟତ ପନ୍ଥା ଏବଂ ମାଧ୍ୟମ ।

## ଆଶାକରାଯାଇଥିବା ଫଳାଫଳ

ଏହି ଶିଖର ସମ୍ମିଳନୀ ଭାରତୀୟ ଭାଷାପାଇଁ, ଭାରତୀୟ ଭାଷାରେ ଏବଂ ଭାରତୀୟ ଭାଷା ମାଧ୍ୟମରେ ଓ ବିକାଶ ତଥା ପ୍ରଯୁକ୍ତିବିଦ୍ୟାର ବିନିଯୋଗ କରିବା ପାଇଁ ମାର୍ଗସୂଚୀର ଏକ ନକ୍ସା ପ୍ରସ୍ତୁତ କରିବା ପାଇଁ ସମର୍ଥ ହେବ ।

## ଅଂଶଗ୍ରହଣ

ଶିକ୍ଷାବିତ୍, ଶିଳ୍ପପତି, ଭାଷା ବିଶେଷଜ୍ଞ, ଭାଷାବିତ୍, edu-tech/ଷ୍ଟାର୍ଟଅପ କମ୍ପାନୀ,ରାଜ୍ୟ ସରକାର, ଭାଷା ପ୍ରଯୁକ୍ତିବିଦ୍ୟା ଗବେଷକ ଓ ଡେଭେଲପର, ନୀତି ପ୍ରଣୟନ ଓ ନିର୍ଣ୍ଣୟକର୍ତ୍ତାଙ୍କୁ ଏହି ଶିଖର ସମ୍ମିଳନୀରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି ।

## ପଞ୍ଜିକରଣ ପ୍ରକ୍ରିୟା

ଏହି ଶିଖର ସମ୍ମିଳନୀର ସବିଶେଷ ତଥ୍ୟ ଆମର ନିମ୍ନୋକ୍ତ ୱେବସାଇଟ୍ରେ ଉପଲବ୍ଧ ହେବ : https: //technology-bharatiyabhasha.aicte- india.org । ଅଂଶଗ୍ରହଣକାରୀମାନଙ୍କ ନିଶ୍ଚିତକରଣ ଠିକ୍ ସମୟରେ କରାଯିବ । ଅନଲାଇନ୍ ପଞ୍ଜିକରଣ ୨୨ ତାରିଖରେ ବନ୍ଦ ହେବ ।

## ଯୋଗାଯୋଗ ଠିକଣା

**ପ୍ରଫେସର ଶୈଳେନ୍ଦ୍ର ମୋହନ**

ନିର୍ଦ୍ଦେଶକ

ଭାରତୀୟ ଭାଷା ସଂସ୍ଥାନ

ମାନସଗଙ୍ଗୋତ୍ରି, ହୁନସୁର୍ ରୋଡ଼୍

ମହୀଶୂର-୫୭୦୦୦୬, କର୍ଣ୍ଣାଟକ, ଭାରତ

ଫୋନ୍ ନମ୍ବର: +୯୧ ୮୨୧ ୨୩୪୫୦୦୦, +୯୧ ୮୨୧ ୨୩୪୫୦୦୬

ଫ୍ୟାକସ୍ ନମ୍ବର: +୯୧ ୮୨୧ ୨୫୧୫୦୩୨

ଇମେଲ୍ ଠିକଣା:director-ciil@gov.in

